## ନାବାଳିକା ଅପହରଣ ମାମଲା: ଯୁବକ ଗିରଫ

କୁଆମରା,(ଡି.ଏନ.ଏ.): ଜଣେ ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୋଗରେ ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଖୁଣ୍ଟା ଥାନା ଅଞ୍ଚଳର ସୁମନ୍ତ ମଲ୍ଲିକ। ସୁମନ୍ତ ଗତ ୨୨ ତାରିଖରେ ନାବାଳିକାଙ୍କୁ ଅପହରଣ କରି ନିଜ ବନ୍ଧୁ ଘରେ ଲୁଚାଇ ରଖିଥିଲା। ଏନେଇ ପୀଡିତାଙ୍କ ମା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା (ନଂ.୩୧୮/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ବିଦ୍ୟୁତ ବିଭାଗର ଜୁନିୟର ଆକାଉଣ୍ଟାଣ୍ଟଙ୍କୁ ୪ବର୍ଷ ଜେଲ

କେନ୍ଦୁଝର, ୨୮।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଦୀପ୍ତି ରଞ୍ଜନ କାନୁନଗୋ ଲାଞ୍ଚ ନେଇ ଧରା ପଡିଥିବା ବିଦ୍ୟୁତ ବିଭାଗର ଜୁନିୟର୍ ଆକାଉଣ୍ଟାଣ୍ଟ ପ୍ରଦୀପ ଶାନ୍ତିଙ୍କୁ ୪ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଆଉ ୬ ମାସ ଜେଲ ଭୋଗିବାକୁ ହେବ। ପ୍ରକାଶ ଯେ, ୨୦୧୪ ମେ' ୨୭ରେ ସ୍ଥାନୀୟ କୁସୁମପୁର (ଉପରଡିହା) ଗ୍ରାମର ଅନ୍ତର୍ଯ୍ୟାମୀ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ସର୍ଭିସ ସେଣ୍ଟରକୁ ଆସିଥିବା ଭୁଲ୍ ବିଦ୍ୟୁତ୍ ବିଲ୍‌କୁ ଠିକ୍ କରିଦେବା ପାଇଁ ପ୍ରଦୀପ ୨ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ସ୍ୱତନ୍ତ୍ର ସରକାରୀ ଓକିଲ ଦେବଦତ୍ତ ବିଶ୍ୱାଳ ମାମଲା ପରିଚାଳନା କରିଥିଲେ।

### କୁଟୁରା ମାଂସ ବିକ୍ରି ବେଳେ ଶିକାରୀ ଗିରଫ

କେନ୍ଦୁଝର, ୨୮।୧୦(ସ୍ୱ.ପ୍ର./ଡି.ଏନ.ଏ.): କେନ୍ଦୁଝର ଜିଲାର ଭୂୟାଁ ଜୁଆଙ୍ଗ ପିଢ଼ ରେଞ୍ଜ ଅନ୍ତର୍ଗତ ଗୋନାସିକା ଜଙ୍ଗଲରୁ କୁଟୁରା ଶିକାର କରି ମାଂସ ବିକ୍ରି କରୁଥିବା ଅଭିଯୋଗରେ ବନ ବିଭାଗ ଚଢ଼ାଉ କରି ଜଣେ ଶିକାରୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଚନ୍ଦ୍ରମଣି ଜୁଆଙ୍ଗ। ତାଙ୍କ ଘର ସ୍ଥାନୀୟ ଅଞ୍ଚଳରେ ବୋଲି ଜଣା ପଡ଼ିଛି। ତାଙ୍କ ଠାରୁ ମାଂସ ଓ କଟୁରୀ ଜବତ ହୋଇଛି । ରେଞ୍ଜ ଅଧିକାରୀ ମାନସ ମୁର୍ମୁଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା ବୋଲି ଡିଏଫ୍ଓ ଡି.ଡି. ହନୁମତ ସୂଚନା ଦେଇଛନ୍ତି।

### ୭ମାସ କାମ କରି ମିଳିଲାନି ମଜୁରୀ
### କେନ୍ଦୁଝର ଡିଏଫଓ ଅଫିସ ଘେରିଲେ

କେନ୍ଦୁଝର, ୨୮।୧୦(ସ୍ୱ.ପ୍ର.): ଦୀର୍ଘ ୭ମାସ ଧରି ମେଗା ନର୍ସରୀରେ କାମ କରି ପାରିଶ୍ରମିକ ପାଇ ନ ଥିବା ମହିଳା ଶ୍ରମିକମାନେ ଆଜି କେନ୍ଦୁଝର ଡିଏଫଓ ଅଫିସ ଘେରାଉ କରିଛନ୍ତି। ବନ ବିଭାଗ ପକ୍ଷରୁ ଉଦ୍ୟମରେ ଓ ଓଏମବିଏ ଅନୁଦାନରେ କେନ୍ଦୁଝର ସଦର ରେଞ୍ଜର ପଦ୍ମପୁରରେ ମେଗା ନର୍ସରୀରେ କାମ ଆରମ୍ଭ ହୋଇଥିଲା। ଏଠାରେ ପ୍ରାୟ ଚାରି ଲକ୍ଷ ଚାରା ଲଗାଯାଇ ପରବର୍ତ୍ତୀ ସମୟରେ ବିଭିନ୍ନ ସ୍ଥାନରେ ବନୀକରଣ କରାଯାଇଛି। ଏହି ନର୍ସରୀ କାମରେ ଶତାଧିକ ମହିଳା ଶ୍ରମିକ କାମ କରିଥିଲେ। ତେବେ ସେମାନଙ୍କୁ କାମ କରି ଥିବା ପରିଶ୍ରମର ପାରିଶ୍ରମିକ ମିଳିନାହିଁ। ଏନେଇ ବାରମ୍ବାର ଦାବି କରି ନିରାଶ ହେବା ପରେ ଗୁରୁବାର ବାଧ ହୋଇ ଡିଏଫଓ ଅଫିସକୁ ଆସି ପାରିଶ୍ରମିକ ଦାବି କରି ଘେରାଉ କରିଥିଲେ। ସେମାନଙ୍କୁ ଖୁବ ଶୀଘ୍ର ପାରିଶ୍ରମିକ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ମହିଳା ମାନେ ଆନ୍ଦୋଳନରୁ ଉଠିଥିବା ଜଣାପଡ଼ିଛି।

### ଉପଖଣ୍ଡସ୍ତରୀୟ ମେଡିକାଲ ଅଫିସରଙ୍କୁ ପ୍ରଶିକ୍ଷଣ

ଚମ୍ପୁଆ,୨୮।୧୦(ଡି.ଏନ.ଏ.): କେନ୍ଦୁଝର ଜିଲାର ଚମ୍ପୁଆ ଉପଜିଲାପାଳ କାର୍ଯ୍ୟାଳୟ ସଭାଗୃହଠାରେ ଚମ୍ପୁଆ ଉପଖଣ୍ଡସ୍ତରୀୟ ମେଡିକୋ ଲିଗାଲ ଓପିନିୟନ ସିଷ୍ଟମ ପ୍ରଶିକ୍ଷଣ ଶିବିର ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୨ ଦିନ ଧରି ଚାଲିଥିବା ଶିବିରରେ ଉପଖଣ୍ଡର ଚମ୍ପୁଆ, ଯୋଡ଼ା, ବଡ଼ବିଲ, ଝୁମ୍ପୁରା ଡାକ୍ତରଖାନା ସମେତ ପ୍ରାଥମିକ ଚିକିତ୍ସାଳୟ ଓ କମ୍ୟୁନିଟି ଚିକିତ୍ସାଳୟର ପ୍ରାୟ ୩୭ ଜଣ ଡାକ୍ତର ଯୋଗ ଦେଇଥିଲେ।

### ମହିଳା ମହାସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ

ବନ୍ତ,୨୮।୧୦(ଡି.ଏନ୍.ଏ./ସ୍ୱ.ପ୍ର.)-ଭଦ୍ରକ ଜିଲାପାଳ ତ୍ରିଲୋଚନ ମାଝିଙ୍କ ନିର୍ଦ୍ଦେଶ କ୍ରମେ ବନ୍ତ ବ୍ଲକ ଗୋପିନାଥପୁର ପଞ୍ଚାୟତ ମିଶନଶକ୍ତିର ନବନିର୍ମିତ ମହିଳା ମହାସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଭାରପ୍ରାପ୍ତ ବିପିଏମ୍ ଚିରଞ୍ଜୀବ୍ ଦାଶଙ୍କ ଉପସ୍ଥିତ ଥିଲେ। ମହାସଂଘର ସମ୍ପାଦିକା ସୀତା ରାଉଳ, କାର୍ଯ୍ୟକାରୀ ସଭ୍ୟା ପାର୍ବତୀ ଜେନା, ଭାରତୀ ଜେନା, କନକ ନାୟକ, ବିମଳା ସେଠୀ, ଭାରତୀ ଦାସ, ୱାର୍ଡସଭ୍ୟା ଡଲି ଜେନା, ଏମ୍‌ବିକେ ତୁଳସୀ ମଲ୍ଲିକ, ସିଆର୍‌ପି ସୁଜାତା ଜେନା ପ୍ରମୁଖ ସହଯୋଗ କରିଥିଲେ। ପ୍ରକାଶ ଯେ, ୫ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ମିଶନ ଶକ୍ତିର ମହିଳା ମହାସଂଘର କାର୍ଯ୍ୟାଳୟ ଗୃହ ନିର୍ମାଣ ସରିଥିଲେ ମଧ କାର୍ଯ୍ୟକ୍ଷମ ହୋଇପାରୁ ନ ଥିଲା।

## ମହୁ ସଂଗ୍ରହ ବେଉସା
# ବିହାରରୁ କେନ୍ଦୁଝର

କେନ୍ଦୁଝର, ୨୮।୧୦ (ସ୍ୱ.ପ୍ର.)

ମହୁରେ ରହିଛି ବହୁତ ଔଷଧୀୟ ଗୁଣ । ଏଣୁ ଏହା ସମସ୍ତଙ୍କ ପାଇଁ ଉପଯୋଗୀ। ଏହାର ଚାହିଦା ଅଧିକ ରହିଛି। ତେବେ ମହୁ ବ୍ୟବସାୟ ଲାଗି କେନ୍ଦୁଝର ଜିଲାକୁ ବିହାରର ସମସ୍ତିପୁର ଜିଲା ହସନପୁର ଅଞ୍ଚଳରୁ କେତେଜଣ ଲୋକ ଆସି ସ୍ଥାନୀୟ ଗୁମୁରା ଗ୍ରାମରେ ରହୁଛନ୍ତି। ସେମାନଙ୍କ କୌଳିକ ବୃତ୍ତି ହେଉଛି ମହୁ ସଂଗ୍ରହ କରିବା ଏବଂ ସେସବୁ ବିକ୍ରି କରି ପରିବାର ଚଳାନ୍ତି। ସେମାନେ ସହରାଞ୍ଚଳରେ ବୁଲି ବିଭିନ୍ନ ସ୍ଥାନରେ କୋଠାବାଡି ତଥା ଗଛରେ ଥିବା ମହୁ ଫେଣାକୁ ସଂଗ୍ରହ କରିଥାନ୍ତି। ଦୀର୍ଘ ୧୦ ବର୍ଷ ହେଲା ଜିଲାକୁ ଆସୁଥିବା ମହୁ ସଂଗ୍ରହକାରୀ ଦୟାନନ୍ଦ ଧାମି କହିଛନ୍ତି। ମହୁ ଫେଣାକୁ ସେମାନଙ୍କ ଭାଷାରେ ମହୁ ଛତା କୁହନ୍ତି। ମହୁମାଛି ଯେଉଁଠି ବସା କରନ୍ତି ସେଠାରେ ପ୍ରାୟ ପ୍ରତ୍ୟେକ ବର୍ଷ ବସା କରନ୍ତି। ଏଣୁ ସେମାନେ ସହଜରେ ପାଇ ଯାଆନ୍ତି। ଅନେକ ସମୟରେ ଲୋକ ମାନେ ମହୁମାଛି ଭୟରେ ସେମାନଙ୍କୁ ଡାକି ସେଠାରୁ ହଟାଇ ଦିଅନ୍ତି। ବିଶେଷ କରି ମହୁ ଫେଣା ଭାଙ୍ଗିବା ସମୟରେ ରାଣୀ ମହୁମାଛି (ମାଇ) ଓ ରାଜା ମହୁମାଛି(ଅଣ୍ଡିରା)କୁ କୌଶଳ କ୍ରମେ ଧରି ଥାନ୍ତି । ମହୁ ସଂଗ୍ରହ ପରେ ସେମାନଙ୍କୁ ଉକ୍ତ ସ୍ଥାନରେ ବା ଅନ୍ୟ ସ୍ଥାନକୁ ନେଇ ଛାଡି ଦିଅନ୍ତି। ସେମାନେ ଯେଉଁଠି ରୁହନ୍ତି ସେଠାକୁ ଅନ୍ୟ ମହୁମାଛି ଯାଇ ପୁଣି ମହୁ ବସା କରିଥାନ୍ତି ବୋଲି ସେମାନେ କୁହନ୍ତି।

ଖରା ଦିନରେ ଅଧିକ ଏବଂ ବର୍ଷା ଓ ଶୀତ ଦିନରେ କମ ମହୁ ସଂଗ୍ରହ ହୋଇଥାଏ ବୋଲି ଦୟାନନ୍ଦ କହିଛନ୍ତି । ସେହିପରି ରାତିରେ ମହୁ ସଂଗ୍ରହ କରିବା ସୁବିଧା। କିନ୍ତୁ ଦିନରେ ମଧ୍ୟ ସଂଗ୍ରହ କରିଥାନ୍ତି। ସେମାନେ କିଛି ଅନାବନା ଗଛର ପତ୍ରକୁ ଜଳାଇ ସେଥିରେ ଏକ ଜଡିବୁଟିରେ ତିଆରି ଔଷଧ ପକାଇ ଧୂଆଁ କରି ମହୁମାଛିଙ୍କୁ ଘଉଡାଇଥାନ୍ତି। ଏଥିପାଇଁ ସେମାନେ ଏକ ମନ୍ତ୍ର ପଢିଥାନ୍ତି ବୋଲି କୁହନ୍ତି। ଏଭଳି ମହୁମାଛି ଘଉଡାଇବା ଅଭ୍ୟାସ ବହୁ କାଳରୁ କରିଆସୁଥିବା ସେ କହିଛନ୍ତି। ଗୋଟିଏ ଗୋଟିଏ ଫେଣାରୁ ପାଖାପାଖି ୨ରୁ ୧୨ କିଲୋ ମହୁ ସଂଗ୍ରହ ହୋଇଥାଏ। ସେହିପରି ଗୋଟିଏ ଗୋଟିଏ ଗଛରେ ଶତାଧିକ ଛୋଟ ବଡ ଫେଣା ହୋଇଥାଏ । ମହୁ କିଲୋ ସ୍ଥାନୀୟ ବଜାରରେ ଦୁଇ ଶହରୁ ତିନିଶହରେ ବିକିଥାନ୍ତି। ଔଷଧୀୟ କାମରେ ବ୍ୟବହାର ପାଇଁ କବିରାଜ ମାନେ ମଧ ବହୁ ପରିମାଣରେ ମହୁ ସେମାନଙ୍କ ଠାରୁ କିଣି ନେଇଥାନ୍ତି ବୋଲି ବୈଦ ବିଶାରଦ ହରେକୃଷ୍ଣ ମହାନ୍ତ କୁହନ୍ତି । ଅନେକ ସମୟରେ ବିପଦପୂର୍ଣ୍ଣ ଅବସ୍ଥାରେ ଉଚ୍ଚ କୋଠା ଉପରେ ଚଢିବା ବା ଗଛ ଉପରେ ଚଢି ମହୁ ସଂଗ୍ରହ କରିଥାନ୍ତି ଏବଂ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଅନେକ ସମୟରେ ମହୁମାଛି ଦଂଶନ ଶିକାର ହୋଇ ଚିକିତ୍ସିତ ହୋଇଥାନ୍ତି। ସେମାନଙ୍କୁ ସବୁ ସହିବାକୁ ପଡେ ବୋଲି କୁହନ୍ତି । ଓଡିଶା ବ୍ୟତୀତ ସେମାନେ ପଶ୍ଚିମବଙ୍ଗ, ମହାରାଷ୍ଟ୍ର, କେରଳ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଛତିଶଗଡ଼ ଆଦି ରାଜ୍ୟକୁ ଏହି ମହୁ ସଂଗ୍ରହ କରିବାକୁ ଯାଇଥାନ୍ତି। ବିହାର ରାଜ୍ୟର ସମସ୍ତିପୁର ବ୍ୟତୀତ ଦରଭଙ୍ଗା, ମଧୁବନ, ବେଲୁ ସରେଇ, ଭାଗଲପୁର ସମେତ ଅନ୍ୟାନ୍ୟ ଜିଲାରେ ବହୁ ଲୋକ ଏହି ମହୁ ସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି । ଦଳ ଦଳ ହୋଇ ଦେଶ ର ବିଭିନ୍ନ ରାଜ୍ୟକୁ ଯାଇ ମହୁ ସଂଗ୍ରହ କରିବା ଓ ସେସବୁ ବିକି ପରିବାର ଚଳାଇଥାନ୍ତି ବୋଲି କୁହନ୍ତି । ଲକ୍‌ଡାଉନ ସମୟରେ ସେମାନଙ୍କ ଜୀବିକା କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏବେ ଧୀରେ ଧୀରେ ସ୍ୱାଭାବିକ ହେବାକୁ ଲାଗିଛି ବୋଲି କୁହନ୍ତି।



ଜଣେ ଯୁବକ ମହୁ ସଂଗ୍ରହ କରୁଛନ୍ତି।

## ଲାଞ୍ଚ ନେଇ ମଦ ଫେରାଉଥିଲେ କନଷ୍ଟେବଲ, ଅଡିଓ ଭାଇରାଲ

ପାଟଣା,୨୮।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନାରେ କାର୍ଯ୍ୟରତ ଜଣେ କନଷ୍ଟେବଲ ଜବତ ମଦ ଫେରାଇ ପ୍ରତି ବଦଳରେ ଲାଞ୍ଚ ନେଉଥିବାର ସ୍ୱୀକାରୋକ୍ତି ଅଡିଓ ଭାଇରାଲ ହୋଇଛି। କନେଷ୍ଟବଲ ଜଣଙ୍କ ଗତ ମେ'ରେ ସିଲିପଦା ଅଞ୍ଚଳର ଜଣେ ବେପାରୀଙ୍କ ଘରେ ଚଢାଉ କରି ମହୁଲି ମଦ ଜବତ କରିଥିଲେ। ହେଲେ ୫ ହଜାର ଟଙ୍କା ଲାଞ୍ଚ ନେବା ପରେ ଜବତ ହୋଇଥିବା ମଦକୁ ସେ ବ୍ୟବସାୟୀଙ୍କୁ ଫେରାଉଥିବା ଓ ବେପାରୀଙ୍କ ଭିଣୋଇ ସହ ମୋବାଇଲେରେ କନଷ୍ଟେବଲଙ୍କ ବାର୍ତ୍ତାଳାପ ଭାଇରାଲ ହେବାରେ ଲାଗିଛି। ଏ ସମ୍ପର୍କରେ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ପଚାରିବାରୁ ଉକ୍ତ ଅଡିଓ ଶୁଣିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ପଦଯାତ୍ରାରେ ନବୀନ ନିବାସ ଯିବେ ଡ୍ରାଇଭର

ଭଦ୍ରକ ଅଫିସ, ୨୮।୧୦

ଓଡ଼ିଶା ଡ୍ରାଇଭର ମହାସଂଘର ଭଦ୍ରକ ଜିଲା ଶାଖା ପକ୍ଷରୁ ଗୁରୁବାର ବାଲଗୋପାଳ ମନ୍ଦିରରେ ଖବରଦାତା ସମ୍ମିଳନୀ ମାଧ୍ୟମରେ ୧୩ ଦଫା ଦାବି ମାନିବା ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି। ଏହି ଦାବି ଉପସ୍ଥାପନ ଲାଗି ଡ୍ରାଇଭରମାନେ ରାଜ୍ୟର ବିଭିନ୍ନ ସ୍ଥାନରୁ ନବୀନ ନିବାସ ପର୍ଯ୍ୟନ୍ତ ପଦଯାତ୍ରା କରିବେ। ତେବେ ସମ୍ବଲପୁରରୁ ନବୀନ ନିବାସ ଅଭିମୁଖେ ଆସୁଥିବା ଡ୍ରାଇଭରମାନଙ୍କ ପଦଯାତ୍ରାରେ ଭଦ୍ରକ ଜିଲାର ଡ୍ରାଇଭରମାନେ ସାମିଲ ହୋଇ ମଙ୍ଗୁଳିଠାରେ ଶୁକ୍ରବାର ଯୋଗଦେବେ। ଦାବି ପୂରଣ ନ ହେଲେ ପଞ୍ଚାୟତ ନିର୍ବାଚନ ବେଳେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିବେ ବୋଲି ସଂଘ ସଭାପତି ଦିଲୀପ ସାହୁ ଚେତାବନୀ ଦେଇଛନ୍ତି।

## ୮୩୦ ସ୍ୱୟଂସହାୟକ ଗୋଷ୍ଠୀକୁ ୨୧.୯୬ କୋଟି



ସଭାରେ ଉପସ୍ଥିତ ଅତିଥି।

ବାସୁଦେବପୁର, ୨୮।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଓଡ଼ିଶା ଜୀବିକା ମିଶନ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ଗଠିତ ୮୩୦ ଗୋଷ୍ଠୀ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ବିଭିନ୍ନ ବ୍ୟାଙ୍କ ତରଫରୁ ୨୧.୯୬ କୋଟି ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ନୀଳମଣି ଟାଉନହଲ ପରିସରରେ ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳା ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଗୋଷ୍ଠୀମାନଙ୍କୁ ସହାୟତା ରାଶି ବଣ୍ଟନ କରିଥିଲେ।

### ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳା

ବ୍ଲକରେ ୩୫୫୬ଟି ଗୋଷ୍ଠୀ ଥିବାବେଳେ ସେଥିମଧ୍ୟରୁ ୮୩୦ ଗୋଷ୍ଠୀଙ୍କୁ ୨୧.୯୬ କୋଟି ଟଙ୍କା ଋଣ ବଣ୍ଟନ କରାଯିବା ଜିଲାର ପ୍ରଥମ ବୋଲି ବିଧାୟକ କହିଥିଲେ। ଅନ୍ୟତମ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବିଡିଓ ସତ୍ୟଜିତ ରାଉତ, ଭଦ୍ରକ ଡିଆର୍‌ଡିଏର ଡିପିସି ସୀତାଂଶୁ ଶେଖର ଦାସ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଅଧକ୍ଷା ପୂର୍ଣ୍ଣିମା ମଲିକ ଏଥିରେ ସଭାପତିତ୍ୱ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ବିପିଏମ୍ ବୀଣାପାଣି ପଣ୍ଡା। ବିପିସି ମଲିକା ମଲିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଜୀବିକା ମିଶନ ସଂଯୋଜକ ସନ୍ତୋଷ କୁମାର ଜେନା, ଅମୀୟ ମହାପାତ୍ର, ଅନୁସୟା ଜେନା, ବିଦ୍ୟୁତପ୍ରଭା ଦୀକ୍ଷିତ, ଜୟନ୍ତୀ ମଲିକ, ବିପିଏ ଭାଗ୍ୟଲକ୍ଷ୍ମୀ ବାରିକ, ଏଲ୍‌ଏସ୍‌ପି ସନ୍ତୋଷ ଷଡ଼ଙ୍ଗୀ, ଅମୀୟ ବାରିକ, ଦୀପ୍ତିକାନ୍ତ ରାଉତ, ଶଙ୍କର୍ଷଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ନୀତି ବିରୋଧୀ ସଚେତନତା

ବାରିପଦା ଅଫିସ,୨୮।୧୦

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ମୟୂରଭଞ୍ଜ ଜିଲାସ୍ତରୀୟ ଏକ ସଚେତନତା ରାଲି ଜିଲା ଦୁର୍ନୀତି ନିବାରଣ ବିଭାଗ ବାରିପଦା ଶାଖା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ନେହେରୁ ଯୁବକେନ୍ଦ୍ରର ତତ୍ତ୍ୱାବଧାନରେ ବାରିପଦା ଭିଜିଲାନ୍ସ ଡିଏସ୍‌ପି ଶରତ କୁମାର ମହାପାତ୍ର ଯୋଗଦେଇ ଶୁଭାରମ୍ଭ କରିଥିଲେ। ସଚେତନତା ରାଲି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ସହରର ବିଭିନ୍ନ ଛକ ଦେଇ ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି କରାଯାଇଥିଲା। ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଭିଜିଲାନ୍ସ କାର୍ଯ୍ୟାଳୟ ପରିଚାଳନାରେ ଡିଆଇପିଆର୍‌ଓ ରବୀନ୍ଦ୍ର କୁମାର ନାୟକ, ଏନୱାଇକେ ଆକାଉଣ୍ଟ ଅଫିସର ଅଶୋକ କୁମାର ସାହୁ, ଭିଜିଲାନ୍ସ ଇନ୍ସପେକ୍ଟର ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ।



ବାହାରିଥିବା ସଚେତନତା ରାଲି।

## ୨୩ ଚୁକ୍ତିଭିତ୍ତିକ ଶିକ୍ଷକ ନିୟମିତ ହେଲେ

କେନ୍ଦୁଝର, ୨୮।୧୦(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଅନ୍ତର୍ଗତ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନ ବିଭିନ୍ନ ହାଇସ୍କୁଲରେ ୨୦୧୪ରେ ନିଯୁକ୍ତି ପାଇଥିବା ୨୩ଜଣ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀଶିକ୍ଷକଙ୍କ ଚାକିରିକୁ ସରକାର ୨୦୨୦ରୁ ନିୟମିତ କରିଛନ୍ତି। ସ୍କୁଲ ଓ ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ସଂଖ୍ୟା ୧୯୨୨୩ ତା ୦୫।୧୦।୨୦୨୧ ଏବଂ ରାଜ୍ୟ ଶିକ୍ଷା ନିର୍ଦ୍ଦେଶାଳୟର ପତ୍ର ସଂଖ୍ୟା ୨୭୧୪୪ ତା୧୧।୧୦।୨୦୨୧ ଆଧାରରେ ଜିଲା ଶିକ୍ଷା ଅଧିକାରୀ ସଂଗ୍ରାମ କେଶରୀ ସାହୁ ଏହି ୨୩ ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କ ଚାକିରୀକୁ ନିୟମିତ ସମ୍ପର୍କିତ ଆଦେଶପତ୍ର ପ୍ରଦାନ କରିଛନ୍ତି। ଏଥିପାଇଁ ସଂପୃକ୍ତ ଶିକ୍ଷୟିତ୍ରୀଶିକ୍ଷକ ଜିଲା ଶିକ୍ଷାଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ନିୟମିତକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା କାର୍ଯ୍ୟରେ ସହାୟକ ହୋଇଥିବା ଅତିରିକ୍ତ ଜିଲା ଅଧିକାରୀ ଜଗବନ୍ଧୁ ସାହୁ ଓ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣି ଚିନ୍ତାମଣି ପଣ୍ଡା, କନିଷ୍ଠ କିରାଣୀ ଗଙ୍ଗାଧର ସାହୁ, ଅନନ୍ତ ସାହୁଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ପ୍ରସବଦ୍ୱାର ପରିବର୍ତ୍ତେ ମଳଦ୍ୱାର ସିଲେଇ ଅଭିଯୋଗ

ପାଟଣା,୨୮।୧୦(ସ୍ୱ.ପ୍ର.)

ଡାକ୍ତରଖାନାରେ କର୍ମଚାରୀଙ୍କ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ପାଇଁ ଜଣେ ପ୍ରସୂତିଙ୍କୁ ଯନ୍ତ୍ରଣା ଭୋଗିବାକୁ ପଡ଼ିଛି। କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସ୍ୱାମ ଖସାପିଟା ସାହିର ଜଣେ ଗର୍ଭବତୀ ମହିଳାଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ଗତ ୧୯ ତାରିଖରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୨୦ରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ୨୦ତାରିଖ ସକାଳେ ତାଙ୍କର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ କନ୍ୟା ସନ୍ତାନ ସ୍ୱାଭାବିକ ପ୍ରସବ ହୋଇଥିଲା। କନ୍ୟା ସନ୍ତାନ ଜନ୍ମ ହେବା ପରେ ୪୮ଘଣ୍ଟା ପରେ ଡାକ୍ତର ପ୍ରସୂତିଙ୍କୁ ଡିସ୍‌ଚାର୍ଜ କରିବାରୁ ସେ ଘରକୁ ଫେରିଆସିଥିଲେ। ତେବେ ପରେ ତାଙ୍କର ଝାଡ଼ା ନ ହେବାରୁ ସେ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ଆଶାକର୍ମୀଙ୍କ ସହାୟତାରେ ଗତ ସୋମବାର ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯିବାରୁ ପ୍ରସବ ଦ୍ୱାର ପରିବର୍ତ୍ତେ ତାଙ୍କ ମଳଦ୍ୱାରକୁ ସିଲେଇ କରାଯାଇଥିବା ଜଣାପଡ଼ିଥିଲା। ଏହାପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏ ସମ୍ପର୍କରେ ସିଡିଏମ୍ଓ ଅଶୋକ କୁମାର ଦାଶଙ୍କୁ ପଚାରିବାରୁ କହିଛନ୍ତି, ମହିଳା ଜଣଙ୍କ ବହୁ ବିଳମ୍ବରେ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ପରେ ଏବେ ସେ ସୁସ୍ଥ ଅଛନ୍ତି।

## ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ

ବାରିପଦା ଅଫିସ,୨୮।୧୦

ମୟୂରଭଞ୍ଜ ଜିଲା ବ୍ୟାଡମିଣ୍ଟନ ଆସୋସିଏଶନ ଉନ୍ନୟନ କମିଟି ଆନୁକୂଲ୍ୟରେ ବାରିପଦା ଇନ୍‌ଡୋର ଷ୍ଟାଡିୟମ ପରିସରରେ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟ ଉଦ୍‌ଘାଟନ ହୋଇଛି। ଚାରିଦିନିଆ ଏହି ଟୁର୍ନାମେଣ୍ଟକୁ ଜିଲାପାଳ ବିନୀତ ଭରଦ୍ୱାଜ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ୩୦ଟି ଜିଲାର ୧୩୫ ମହିଳାପୁରୁଷ ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରି କ୍ରୀଡ଼ା ପ୍ରଦର୍ଶନ କରିବେ। ଏଥିରୁ ସର୍ବଶ୍ରେଷ୍ଠ ଖେଳାଳିମାନେ ଚୟନ ହୋଇ ଜାତୀୟ ସ୍ତରରେ ଅନୁଷ୍ଠିତ ହେବାକୁ ଥିବା ଟୁର୍ନାମେଣ୍ଟରେ ଭାଗ ନେବେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି, କେ.ଆର୍ ଦ୍ୟାନଦେଓ, ଜିଲା ଜରୁରୀକାଳୀନ ଅଧିକାରୀ ସୁଜୟ ପତି, ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏଶନର ସମ୍ପାଦକ ନିଲିନ କୁମାର, ଜିଲା ଆଥଲେଟିକ ଆସୋସିଏଶନର ସମ୍ପାଦକ କିଶୋର କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଂଘର ସଭାପତି କୃଷ୍ଣାନନ୍ଦ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଛନ୍ତି ।

## ଧମକ ପ୍ରତିବାଦରେ ଛାତ୍ରୀଛାତ୍ରଙ୍କ ଧାରଣା

ପଦ୍ମପୁର,୨୮।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ କୋଡ଼ବରୁଆଁ ଅଞ୍ଚଳର ପଲ୍ଲୀ ଆଞ୍ଚଳିକ ସଂସ୍କୃତ ମହାବିଦ୍ୟାଳୟର ଜଣେ ଅଧାପକ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହାକୁ ବିରୋଧ କରୁଥିବା ଦୁଇ ଅଧାପକ ଛାତ୍ରୀଛାତ୍ରଙ୍କୁ ଧମକ ଦେଇଥିବା ନେଇ ସାବରଙ୍ଗ ଥାନାରେ ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଛାତ୍ରୀଛାତ୍ର ଗୁରୁବାର ଅପରାହ୍ନରୁ ଥାନା ଆଗରେ ଧାରଣା ଦେଇଥିଲେ।

ଅଭିଯୋଗ ଅନୁଯାୟୀ, ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ପାଠ ବୁଝିବା ପାଇଁ ଜଣେ ଅଧାପକଙ୍କ ନିକଟକୁ ଯାଇଥିଲେ। ଅନ୍ୟ ଦୁଇଜଣ ଅଧାପକ ଏହାକୁ ବିରୋଧ କରିବା ସହ ଟ୍ୟୁଶନ କରାଯାଉଥିବା କହି ଅଧକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଧକ୍ଷ ପିଲାମାନଙ୍କୁ ପଢ଼ାଉଥିବା ଅଧାପକଙ୍କୁ ଆଉ ଟ୍ୟୁଶନ ନ କରିବାକୁ ତାଗିଦ୍ କରିଥିଲେ। ଫଳରେ ଛାତ୍ରୀଛାତ୍ର ପାଠ ବୁଝିବାରୁ ବଞ୍ଚିତ ହୋଇ ଗୁରୁବାର ଘଟଣାର ପୁନଃ ବିଚାର କରିବା ପାଇଁ ଅଧକ୍ଷଙ୍କ ନିକଟକୁ ଯାଇଥିଲେ। ଏହି ସମୟରେ ଦୁଇ ଅଧାପକ ସେମାନଙ୍କୁ ଗାଳିଗୁଲଜ କରିବା ସହ ପରୀକ୍ଷାରେ ଫେଲ୍ କରାଇ ଦେବେ କହି ଧମକ ଦେଇଥିଲେ। ରିପୋର୍ଟ ଲେଖା ହେବା ବେଳକୁ ଛାତ୍ରୀଛାତ୍ରଙ୍କ ଧାରଣା ଜାରି ରହିଥିଲା। ଥାନାଧିକାରୀ ମନୋରମା ବାରିକ ଘଟଣାର ତଦନ୍ତ କରୁଛନ୍ତି। ଏ ସମ୍ପର୍କରେ ଅଧକ୍ଷ ନାରାୟଣ ପରିଡ଼ାଙ୍କୁ ପଚାରିବାରୁ ଘଟଣାର ସତ୍ୟତା ଥିବା ସ୍ୱୀକାର କରିଛନ୍ତି।



ସାବରଙ୍ଗ ଥାନା ସମ୍ମୁଖରେ ଛାତ୍ରୀଛାତ୍ର।

## ତଥାପି ସକ୍ଷମ କାଳିଆ

ଭଣ୍ଡାରିପୋଖରୀ, ୨୮।୧୦(ଡି.ଏନ.ଏ.)

ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ଥିଲେ ସବୁ ପ୍ରତିବନ୍ଧକ ହାର୍ ମାନିଥାଏ। ଏହା ପ୍ରମାଣ କରି ଦେଖାଇଛନ୍ତି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଚନ୍ଦ୍ରଭାନୁପୁର ଗ୍ରାମର ଦିବ୍ୟାଙ୍ଗ ଶିଶିର ନାୟକ (କାଳିଆ)। ବୟସ ତାଙ୍କୁ ୪୫। ୨୫ ବର୍ଷ ହେଲା ସେ ଦିବ୍ୟାଙ୍ଗ ଜୀବନ ଅତିବାହିତ କରୁଛନ୍ତି। ୨୦ ବର୍ଷ ବୟସ ହୋଇଥିବା ବେଳେ ଚୁଡାକଳରେ କାମ କରୁଥିବା ସମୟରେ ତାଙ୍କର ଡାହାଣ ହାତଟି ସମ୍ପୂର୍ଣ୍ଣ କଟିଯାଇଥିଲା। ତଥାପି ସେ ହାର୍ ମାନି ନ ଥିଲେ।

ସମାଜରେ ବଞ୍ଚିବା ପାଇଁ ସେ ସଂଘର୍ଷ ଜାରି ରଖିଛନ୍ତି। ପରିବାର ଚଳାଇବା ଲାଗି ସେ ଚା' ବେପାରକୁ ଆପଣାଇ ନେଇଛନ୍ତି। ପରିବାର କହିଲେ ତାଙ୍କ ବାପା, ମା', ସ୍ତ୍ରୀ ଓ ପୁଅ ଝିଅଙ୍କୁ ମିଶାଇ ୬ ପ୍ରାଣୀ କୁଟୁମ୍ବ। ଘରଡିହ ବ୍ୟତୀତ ତାଙ୍କର ଚାଷଜମି ଗୁଣ୍ଠେ ବୋଲି ନାହିଁ। ପରିବାର ପ୍ରତିପୋଷଣ ପାଇଁ ସେ ଗୋଟିଏ ହାତକୁ ଭରସା କରି ପ୍ରଥମେ ଚା' ଦୋକାନ ଆରମ୍ଭ କରିଥିଲେ। ନିଜ ପ୍ରଚେଷ୍ଟାରେ ବ୍ୟାଙ୍କରୁ ଋଣ ଆଣି ଭଣ୍ଡାରିପୋଖରୀ କାଳୀ ବଜାରଠାରେ ଚା' ଦୋକାନ ପାଇଁ ଘର କରିଥିଲେ। ଭାଗ୍ୟର ବିଡ଼ମ୍ବନା ୧୯୯୯ ବାତ୍ୟାରେ ସେହି ଘର ସମ୍ପୂର୍ଣ୍ଣ ଭାଙ୍ଗିଗଲା। ସେବେଠାରୁ ଆଜି ଯାଏ ସେ ପର ଦୋକାନ ପିଣ୍ଡାକୁ ଭରସା କରି ଚା' ବିକୁଛନ୍ତି। ଭଣ୍ଡାରିପୋଖରୀ ବଜାରରେ ଚା' ପିଇବା କଥା କହିଲେ କାଳିଆଙ୍କ ଗୋଲମରିଚ ଚା' ବେଶ୍ ଖୋଜାପଡ଼େ। ସେ ଦୈନିକ ୫୦ ଲିଟର କ୍ଷୀରରେ ଚା' କରି ଆସୁଥିବା ବେଳେ କରୋନା ପାଇଁ ବେପାର କମିଯାଇଥିବା କହିଛନ୍ତି। ସକାଳେ ଓ ସନ୍ଧ୍ୟାରେ କାଳିଆଙ୍କ ହାତରୁ ଚା' ପିଇବା ଲାଗି ଲୋକଙ୍କ ଭିଡ଼ ଜମିଥାଏ। କିନ୍ତୁ ଅନ୍ୟ ପିଣ୍ଡାରେ ବହୁତ ହଇରାଣ ହୋଇ ଚା' ବିକ୍ରି କରୁଛନ୍ତି। ଆଜି ବସିଛି କାଲି କିଏ ଉଠାଇଦେଇ ପାରନ୍ତି। ରୋଜଗାର କରିବା ନିମନ୍ତେ ସ୍ଥାୟୀ ଘରଟିଏ ଦରକାର। ବଜାରରେ ଦୋକାନ ଭଡ଼ା ନେଇ ଚଳାଇବା କଷ୍ଟ। ଗୋଟିଏ ଟି-ଷ୍ଟଲ କରିବାକୁ ତାଙ୍କର ସ୍ୱପ୍ନ ରହିଛି। ସରକାର ଉଠାଦୋକାନୀଙ୍କ ପାଇଁ ଅନେକ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ଜଣେ ଦିବ୍ୟାଙ୍ଗ ହୋଇ ମଧ ସେ ଏଥିରୁ ବଞ୍ଚିତ ହୋଇଛନ୍ତି। ଏକ ଟି-ଷ୍ଟଲ ନିର୍ମାଣରେ ପ୍ରଶାସନ ତାଙ୍କୁ ସାହଯ୍ୟ କରିବାକୁ ସେ ନିବେଦନ କରିଛନ୍ତି।



ଚା'ଦୋକାନରେ ଦିବ୍ୟାଙ୍ଗ କାଳିଆ ନାୟକ।

## ୩ ଶିକ୍ଷକଙ୍କୁ 'ରାଷ୍ଟ୍ର ନିର୍ମାଣ' ପୁରସ୍କାର

ବନ୍ତ,୨୮।୧୦(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକର ୩ ଶିକ୍ଷକଙ୍କୁ 'ରାଷ୍ଟ୍ର ନିର୍ମାଣ' ପୁରସ୍କାର ପ୍ରଦାନ କରାଯାଇଛି। ଗଣିଜାଙ୍ଗ ସ୍ଥିତ ନେହେରୁ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅଭୟ ପ୍ରଧାନ, ମଙ୍ଗୁଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପର୍ଶୁରାମ ନାୟକ ଓ ଟିକିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅମରେନ୍ଦ୍ର ଦାସ ଏହି ପୁରସ୍କାର ହାସଲ କରିଛନ୍ତି। ଭଦ୍ରକ ଚରମ୍ପା ସ୍ଥିତ ଅଗ୍ରୱାଲ ପ୍ୟାଲେସଠାରେ ରୋଟାରି କ୍ଲବ ମିଡ୍‌ଟାଉନ ପକ୍ଷରୁ ଆୟୋଜିତ 'ରାଷ୍ଟ୍ର ନିର୍ମାଣ' ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଭତ୍ତା ବାଣ୍ଟିଲେ ବିଧାୟକ

ବାସୁଦେବପୁର,୨୮।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା କାର୍ଯ୍ୟାଳୟ ପରିସରରେ ଗୁରୁବାର ବିଧବା ଭତ୍ତା ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ୧୯ ନୂତନ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଥିଲେ। ବିଧାୟକ ପ୍ରତିନିଧି ଅସିତ ଦାସ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ସରପଞ୍ଚ ଦୀନବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୪ ଫୁଟର ଅଜଗର ଉଦ୍ଧାର

ସୋର,(ଡି.ଏନ୍.ଏ): ବାଲେଶ୍ୱର ଜିଲା ସୋର ବ୍ଲକ ମାଣିପୁର ପଞ୍ଚାୟତ ଅନ୍ତର୍ଗତ ବେହେରଣପୁର ଗ୍ରାମର ନିକଟ କେନାଲ ପାଣିରେ ଭାସି ଆସି ଜାଲରେ ଲାଗିଥିବା ଏକ ୪ ଫୁଟର ଅଜଗର ଉଦ୍ଧାର ହୋଇଛି। ଗ୍ରାମବାସୀଙ୍କଠାରୁ ଖବରପାଇ ବନ କର୍ମଚାରୀ ଶ୍ୱେତପଦ୍ମା ମହାନ୍ତି ଏବଂ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅଜଗରକୁ ଉଦ୍ଧାର କରି କୁଳଡିହା ଜଙ୍ଗଲରେ ଛାଡ଼ିଥିବା ଜଣାଯାଇଛି।

**ସଂକ୍ଷେପରେ**

## ୩୦ରେ ୧୨ ଘଣ୍ଟିଆ ବାଲେଶ୍ୱର ବନ୍ଦ

ବାଲେଶ୍ୱର ଅଫିସ,୨୮।୧୦- ବାଲେଶ୍ୱର ଭାଜପା ପକ୍ଷରୁ ଆସନ୍ତା ୩୦ ତାରିଖ ଶନିବାର ବାଲେଶ୍ୱର ବନ୍ଦ ଡାକରା ଦିଆଯାଇଛି। ଶିକ୍ଷୟିତ୍ରୀ ମମିତା ମେହେରଙ୍କୁ ନ୍ୟାୟ ଦାବି, ସମ୍ପୃକ୍ତ ମନ୍ତ୍ରୀଙ୍କୁ ବହିଷ୍କାର, ଘଟଣାର ସିବିଆଇ ତଦନ୍ତ ଓ ଜିଲାର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଏହି ବନ୍ଦ ଡାକରା ଦିଆଯାଇଥିବା ଭାଜପା ପକ୍ଷରୁ କୁହାଯାଇଛି। ବନ୍ଦକୁ ସଫଳ କରିବା ପାଇଁ ଜିଲାବାସୀ ସହଯୋଗ କରିବା ପାଇଁ ଗୁରୁବାର ଏକ ପ୍ରେସ୍ ବିବୃତିରେ ଜିଲାସଭାପତି ଉମାକାନ୍ତ ମହାପାତ୍ର ଜଣାଇଛନ୍ତି।

## ରାସ୍ତା କଡ଼ରୁ ମହିଳାଙ୍କ ମୃତଦେହ ଜବତ

ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ବାଲେଶ୍ୱର ଅଫିସ,୨୮।୧୦- ବାଲେଶ୍ୱର ଜିଲା ସହଦେବଖୁଣ୍ଟା ମଡ଼େଲ ଥାନା ଅଧୀନ ବାଲିଆ ଗ୍ରାମର ରୀନା ସିଂ(୩୫)ଙ୍କ ମୃତଦେହ ବାଲିଆ କୃଷି ବିଭାଗ ଅଫିସ୍ ରାସ୍ତା କଡ଼ରୁ ପୋଲିସ ଜବତ କରିଛି। ତାଙ୍କୁ ହତ୍ୟା କରି ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୩୬/୨୧) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ବୁଧବାର ରାତିରେ ରୀନା ଏବଂ ତାଙ୍କ ସ୍ୱାମୀ ବାବୁ ସିଂଙ୍କ ସହିତ ସେହି ଗ୍ରାମର ପିଣ୍ଟୁ ସିଂ ଓ ତାଙ୍କ ସ୍ତ୍ରୀ ମିନତୀଙ୍କ ମଧରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ପରେ ପିଣ୍ଟୁ ଓ ମିନତୀ ଉଭୟ ରୀନାକୁ ଉଠାଇ ନେଇ ହତ୍ୟା କରି ରାସ୍ତା କଡ଼ରେ ଫିଙ୍ଗି ଦେଇଥିବା ମୃତକଙ୍କ ମାଇଁଶାଶୁ ସୁଲେଖା ସିଂ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଭାଜପା କର୍ମୀ ସମ୍ମିଳନୀ

ଲଙ୍ଗଳେଶ୍ୱର,୨୮।୧୦(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ସାଉଡି ପଞ୍ଚାୟତର ଅଠାଳିଆ ଗ୍ରାମରେ ପଞ୍ଚାୟତସ୍ତରୀୟ ଭାଜପା କର୍ମୀ ସମ୍ମିଳନୀ ଓ ମିଶ୍ରଣ ସଭା ଅନୁଷ୍ଠିତ ହୋଇଯାଇଛି। ଦଳୀୟ କର୍ମୀ ଗଙ୍ଗାଧର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର ଓ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ସାଉଡିରେ ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡ଼ମେମ୍ବରମାନଙ୍କୁ ବିପୁଳ ସଂଖ୍ୟାରେ ଜିତାଇବା ପାଇଁ ପରାମର୍ଶ ଦେଇଥିଲେ। ଅତିଥି ଭାବେ ଏମ୍‌ପି ପ୍ରତିନିଧି ମହେଶ୍ୱର ଜେନା, ଲଙ୍ଗଳେଶ୍ୱର ମଣ୍ଡଳ ସଭାପତି ଗଗନ ସାହୁ, ପଞ୍ଚାୟତ ସଭାପତି ଜଗନ୍ନାଥ ଧଳ, ଶିବଶଙ୍କର ପ୍ରଧାନ, ସପନ କୁମାର ସେଠୀ, କାଳିପଦା ମଣ୍ଡଳ ସଭାପତି ସତ୍ୟାନନ୍ଦ ମହାନ୍ତି, ଚିତ୍ତରଞ୍ଜନ ଜେନା, ଅଦ୍ୱୈତ ବାଗ, ଚନ୍ଦ୍ରବିନ୍ଦୁ ଦାସ, ନିରଞ୍ଜନ ହଟେଇ, ଆଦିକନ୍ଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ୟ ଦଳର ବହୁ କର୍ମୀ ଭାଜପାରେ ସାମିଲ ହୋଇଥିଲେ।

## ଭିନ୍ନକ୍ଷମ ଶିବିରରେ ୭୧୭ଜଣ ହିତାଧିକାରୀ

ଜଳେଶ୍ୱର,୨୮।୧୦(ଡି.ଏନ.ଏ.)- ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ନୂଆବଜାର ଉଚ୍ଚ ବିଦ୍ୟାଳୟରେ ବୁଧବାର ଭୀମଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ବିଡ଼ିଓ ଦୀପ୍ତିରଞ୍ଜନ ସେଠୀ ଓ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ମିଳିତଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅସ୍ଥିଶଲ୍ୟ ବିଭାଗର ୩୨୦, ଚକ୍ଷୁ ବିଭାଗରେ ୯୧, ମାନସିକ ବିଭାଗରେ ୯୦, କର୍ଣ୍ଣ-ନାଶା ଓ ଗଳା ବିଭାଗରେ ୨୧୬ଜଣ ହିତାଧିକାରୀ ନାମ ପଞ୍ଜିକରଣ କରାଯାଇଥିଲା।

## ହଜାରେ ଲିଟର ଚୋରା ଦେଶୀ ମଦ ଜବତ

ଜଳେଶ୍ୱର,୨୮।୧୦(ଡି.ଏନ.ଏ.)- ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ଅବକାରୀ ବିଭାଗ ଓ ସ୍ଥାନୀୟ ପୋଲିସ ଚଢ଼ାଉ କରି ହଜାରେ ଲିଟର ଚୋରାମଦ ଜବତ କରିଛି। ଗୁରୁବାର ସନ୍ଧ୍ୟାରେ ଚାଲନ୍ତି ନିକଟରେ ଦ୍ରୁତଗତିରେ ଆସୁଥିବା ଏକ ମାରୁତି ସୁଜୁକି ୱାଗନର କାରକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଚୋରା ମଦ ଥିବା ଜଣା ପଡ଼ିଥିଲା। ଗାଡି ଡ୍ରାଇଭର ରୂପ୍‌ସା ଥାନା ରାଉତପଡ଼ା ଅଞ୍ଚଳର ଶତ୍ରୁଘ୍ନ ବାରିକ୍ ଓ ରାଜେନ୍ଦ୍ର ବାଡ଼ିଙ୍କୁ ଗିରଫ କରାଯାଇଛି। ଚଢ଼ାଉରେ ଅବକାରୀ ସଦର ଆଇଆଇସି ପ୍ରବୀଣ କୁମାର ପ୍ରଧାନ, ମୋବାଇଲ ସ୍କାଡ୍ ଆଇଆଇସି ଗାଲୁରାମ ସୋରେନ୍, ଜଳେଶ୍ୱର ଓଆଇସି ଦେବେନ୍ଦ୍ର ବେହେରା ପ୍ରମୁଖ ସାମିଲ ଥିଲେ।

# ସମ୍ମାନିତ ହେବେ ୭ ସେନା କର୍ମଚାରୀ

ବାଲେଶ୍ୱର ଅଫିସ/ ବାରିପଦା ଅଫିସ,୨୮।୧୦

୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧରେ ସାମିଲ ଥିବା ସେନା କର୍ମଚାରୀମାନଙ୍କୁ ଚଳିତବର୍ଷ ପାଳନ କରାଯାଉଥିବା 'ସ୍ୱର୍ଣ୍ଣିମ ବିଜୟ ବର୍ଷ-୨୦୨୧'ରେ ସମ୍ମାନିତ କରାଯିବ ବୋଲି ରାଜ୍ୟ ଓ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଉତ୍ସବରେ ସମ୍ମାନିତ ହେବା ପାଇଁ ବାଲେଶ୍ୱର ଜିଲାର ୪ ଓ ମୟୂରଭଞ୍ଜ ଜିଲାର ୩ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ମନୋନୀତ କରାଯାଇଛି। ସେମାନେ ହେଲେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଅଞ୍ଚଳର ଅବସରପ୍ରାପ୍ତ ମେଜର ଜେନେରାଲ (ଆର୍ମି) ଆର୍.କେ. ସାହୁ, ନୀଳଗିରି ଶ୍ୟାମସୁନ୍ଦରପୁର ଅଞ୍ଚଳର ଅବସରପ୍ରାପ୍ତ ଆର୍ମି ସିଗନାଲ କୋର୍ସ



ସମ୍ମାନିତ ହେବାକୁ ଥିବା ବାଲେଶ୍ୱର ଜିଲାର ଅବସରପ୍ରାପ୍ତ ସେନା କର୍ମଚାରୀ।

ବିଭାଗର ହାବିଲଦାର ଉମାକାନ୍ତ ମଲ୍ଲିକ, ଦରଖୁଲି ଅଞ୍ଚଳର ଅବସରପ୍ରାପ୍ତ ଆର୍ମିର ନାୟକ- ଭାଗିରଥି ପଣ୍ଡା ଓ ମାନସିଂବଜାର ଅଞ୍ଚଳର ଅବସରପ୍ରାପ୍ତ ଏୟାରଫୋର୍ସର ୱାରେଣ୍ଟ ଅଫିସର ଅଶ୍ୱିନୀ କୁମାର ବର୍ଦ୍ଧନ। ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଅପରାହ୍ନ ୨ଟା ସମୟରେ ସେମାନଙ୍କୁ ଭୁବନେଶ୍ୱର ପଠାଇବା ପାଇଁ ସ୍ଥିର କରାଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଭୁବନେଶ୍ୱର ଯାତ୍ରା ପାଇଁ ସହାୟତା କରିବେ। ସେହିପରି ମୟୂରଭଞ୍ଜ ଜିଲା ବାରିପଦା ଅମ୍ବିକାସାହିର ଏଚ୍ଏଫ୍ଏଲ୍ ଅଜୟ କୁମାର ଭଞ୍ଜ, ଜାମଦା ବ୍ଲକ ନହରପଦା ଗ୍ରାମର ଜିଏନ୍ଆର୍ ସ୍ୱର୍ଗତ ସୁଦାମ ଟୁଡୁ ଓ ରାଇରଙ୍ଗପୁର ବ୍ଲକ ବଡ଼ଚମ୍ପାଉଦା ଗ୍ରାମର ନାଏକ ସୁବେଦାର ସ୍ୱର୍ଗତ ନୁଦୁରାମ ସୋରେନ ସମ୍ବର୍ଦ୍ଧିତ ହେବେ ବୋଲି ସୂଚନା ମିଳିଛି। ଅଜୟ କୁମାର ଭଞ୍ଜ ନିଜେ ତାଙ୍କର ସମସ୍ତ ସ୍ମୃତି ସହିତ ଏହି ସମ୍ମାନ ପାଇଁ

**୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧରେ ସାମିଲ ଥିଲେ**

ଭୁବନେଶ୍ୱର ଯିବାକୁ ଥିବା ବେଳେ ସୁଦାମଙ୍କ ସ୍ତ୍ରୀ ସୀତାମଣି ଓ ନୁଦୁରାମଙ୍କ ସ୍ତ୍ରୀ ଲକ୍ଷ୍ମୀମଣୀ ସ୍ୱାମୀଙ୍କ ବିଜୟ ସମ୍ମାନ ଗ୍ରହଣ ପାଇଁ ଆମନ୍ତ୍ରଣ ପାଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ପର୍ଯ୍ୟଟନ ଅଧିକାରୀ ସେମାନଙ୍କୁ ସାଙ୍ଗରେ ନେଇ ଶୁକ୍ରବାର ଭୁବନେଶ୍ୱର ଯିବେ। ଆସନ୍ତା ୩୦ ତାରିଖ ଅପରାହ୍ନ ୪ଟା ୩୦ମିନିଟ୍‌ରେ ଭୁବନେଶ୍ୱର ସ୍ଥିତ ରାଜଭବନରେ ସେମାନେ ପହଞ୍ଚି ରାଜ୍ୟପାଳଙ୍କ ସହିତ ସାକ୍ଷାତ କରିବା ସହ ୩୧ ତାରିଖ ସନ୍ଧ୍ୟା ୬ଟା ସମୟରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ସୂଚନା ମିଳିଛି।

## ୩ରେ ନୀଳଗିରି ବ୍ଲକ ଆଗରେ ଧାରଣା

ଦୁର୍ନୀତିକୁ ନେଇ ପୂର୍ବତନ ବିଧାୟକଙ୍କ ଖବରଦାତା ସମ୍ମିଳନୀ



ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ।

ସଜନାଗଡ଼,୨୮।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ୍ ସମେତ ବିଭିନ୍ନ ପଞ୍ଚାୟତରେ ହୋଇଥିବା ଦୁର୍ନୀତି ପ୍ରତିବାଦରେ ଆସନ୍ତା ୩ ତାରିଖରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବ୍ଲକ୍ କାର୍ଯ୍ୟାଳୟ ସମେତ ବିଭିନ୍ନ ପଞ୍ଚାୟତରେ ହେଇଥିବା ଅନେକ ଦୁର୍ନୀତିମୂଳକ କାର୍ଯ୍ୟ ତଥା କୋଭିଡ୍ ପରିଚାଳନାରେ ଖାଦ୍ୟ ଯୋଗାଣ, ବିଭିନ୍ନ ସାମଗ୍ରୀ କିଣା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ମୋ ବଗିଚା, ଗୁହାଳ ଘର ଯୋଜନାରେ ଉପଯୁକ୍ତ ହିତାଧିକାରୀମାନଙ୍କୁ ଘର ଦିଆ ନ ଯାଇ ମହାଦୁର୍ନୀତି ହୋଇଥିବା ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି। ସେହିପରି ବ୍ଲକରେ କୌଣସି ଗ୍ରାମ୍ୟ କମିଟିକୁ କାର୍ଯ୍ୟାଦେଶ ଦିଆ ନ ଯାଇ ବିଭାଗୀୟ ଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନାମରେ ୱାର୍କ ଅର୍ଡର୍ ଇସ୍ୟୁ କରାଯାଇ ନିମ୍ନମାନର କାର୍ଯ୍ୟ କରି ଲକ୍ଷ ଲକ୍ଷ ଟଙ୍କା ହଡପ କାଯାଉଥିବା ସେ କହିଛନ୍ତି।

# ନାହିଁ ନାହିଁରେ ଚାଲିଛି ନୀଳଚକ୍ର ଉଚ୍ଚ ବିଦ୍ୟାଳୟ

ଜଳେଶ୍ୱର,୨୮।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ଶିକ୍ଷାଜିଲା ଅଧୀନ ରାଇବଣିଆ ଅଞ୍ଚଳର ଭଣ୍ଡାରପଲ୍ଲୀ ଗାଁରେ ସ୍ଥାପିତ ନୀଳଚକ୍ର ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଦେଖାଦେଇଛି। ୪୩ବର୍ଷ ପୂର୍ବେ ଗଢ଼ି ଉଠିଥିବା ଏହି ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ପ୍ରଧାନ ଶିକ୍ଷକ ନ ଥିବା ବେଳେ ଜଣେ ବିଜ୍ଞାନ ଶିକ୍ଷକ ୨ଟି ଶ୍ରେଣୀର ସମସ୍ତ ବିଷୟରେ ଶିକ୍ଷାଦାନ କରୁଛନ୍ତି। ଏନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଭଣ୍ଡାରପଲ୍ଲୀ ଗାଁର ନୀଳ ଓ ଚକ୍ରଧର ବ୍ୟକ୍ତି ଦ୍ୱୟଙ୍କ ବଦାନ୍ୟତାରେ ୧୯୭୮ରେ ବିଦ୍ୟାଳୟଟି ଗଢ଼ି ଉଠିଥିବାରୁ ଉକ୍ତ ବିଦ୍ୟାଳୟର ନାମ ନୀଳଚକ୍ର ଉଚ୍ଚ ବିଦ୍ୟାଳୟ ରଖାଯାଇଥିଲା। ୧୯୮୩ରେ ବିଦ୍ୟାଳୟ ସରକାରୀ ଅନୁଦାନ ପାଇଥିଲା। କିନ୍ତୁ ଏବେ ଏହି ବିଦ୍ୟାଳୟରେ ସରକାର ଶିକ୍ଷକ ନିଯୁକ୍ତି ଦେଉ ନ ଥିବାରୁ କେବଳ ବିଜ୍ଞାନ ଶିକ୍ଷକ ନିଜ କାର୍ଯ୍ୟ ସହିତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଭାବେ କାର୍ଯ୍ୟ ତୁଲାଉଛନ୍ତି। ହିନ୍ଦୀ ଶିକ୍ଷକ ୯ମ ଓ





ନୀଳଚକ୍ର ଉଚ୍ଚ ବିଦ୍ୟାଳୟ।

୧୦ମ ଶ୍ରେଣୀରେ ପଢ଼ାଉଥିବା ବେଳେ ଜଣେ ଶିକ୍ଷକ ୨ଟି ଶ୍ରେଣୀରେ ସମସ୍ତ ବିଷୟରେ ଶିକ୍ଷାଦାନ କରିବା ଅସମ୍ଭବ ହୋଇ ପଡୁଛି। ଅନ୍‌ଲାଇନ୍ ଶିକ୍ଷାଦାନରେ ମଧ ବାଧା ଉପୁଜୁଛି। ଚଳିତବର୍ଷ ୯ମ ଓ ୧୦ମ ଶ୍ରେଣୀରେ ୯୮ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ଶିକ୍ଷକ ନ ଥିବାରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନନ୍ଦକିଶୋର ମହାନ୍ତି ୩ବର୍ଷ ହେଲା ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀ, ଶିକ୍ଷା ନିର୍ଦ୍ଦେଶକ ଓ ସଚିବଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ଏଥି ସହିତ ଅଞ୍ଚଳବାସୀ ମଧ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏନେଇ ଅବଗତ କରାଇ ଆସୁଥିଲେ ହେଁ କିଛି ସୁଫଳ ମିଳିପାରୁ ନାହିଁ। ଆସନ୍ତା ନଭେମ୍ବର ମଧଭାଗରେ ବୋର୍ଡ ପକ୍ଷରୁ ୯ମ ଶ୍ରେଣୀର ଷାଣ୍ମାସିକ ପରୀକ୍ଷା ହେବାକୁ ଥିବା ବେଳେ ଛାତ୍ରଛାତ୍ରୀମାନେ ଚିନ୍ତାରେ ପଡ଼ିଛନ୍ତି। କମ୍ପ୍ୟୁଟର ଶିକ୍ଷକ ନ ଥିବାରୁ କମ୍ପ୍ୟୁଟର ଗୃହରେ ତାଲା ଝୁଲୁଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ କିରାଣୀ କାର୍ଯ୍ୟ କରିବାକୁ ପଡୁଥିବାରୁ ଶିକ୍ଷାଦାନରେ ବାଧା ସୃଷ୍ଟି ହେଉଛି। ତୁରନ୍ତ ସେଠାରେ ଆବଶ୍ୟକ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ନିଯୁକ୍ତି ଲାଗି ଅଭିଭାବକମାନେ ଦାବି କରିଛନ୍ତି।

## ଆଞ୍ଚଳିକ ବ୍ରାହ୍ମଣ ସମିତି ବୈଠକ

ଖଇରା,୨୮।୧୦(ଡି.ଏନ.ଏ.)

ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତିର ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମିତିର ସ୍ଥାୟୀ ସଭାପତି ଜଳଧର ମିଶ୍ର ଏଥିରେ ପୌରୋହିତ୍ୟ କରିଥିଲେ। ସମ୍ପାଦକ ରମାକାନ୍ତ ଶତପଥୀ ବିବରଣୀ ପାଠ କରିଥିଲେ। ଏଥିରେ ରାଜ୍ୟ ଉପସଭାପତି କୃଷ୍ଣଚନ୍ଦ୍ର ପତ୍ରୀ, କାର୍ଯ୍ୟକାରୀ ସଭାପତି ବୁଦ୍ଧିରାମ ପାଣିଗ୍ରାହୀ, ଜୋନ ସଭାପତି ବିଷ୍ଣୁମୋହନ ଶତପଥୀ, ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ବ୍ରାହ୍ମଣ ସମାଜ ପ୍ରତି ସରକାରଙ୍କ ଅବହେଳା ସମ୍ପର୍କରେ ଆଲୋକପାତ କରିଥିଲେ। ଆସନ୍ତା ନଭେମ୍ବର ୧୫ରେ ବ୍ରହ୍ମଯଜ୍ଞ ଆୟୋଜନ କରିବାକୁ ମୁକ୍ତିକାନ୍ତ ଶତପଥୀ, ଅନାମ ଚରଣ ପଣ୍ଡା, ମୁକ୍ତିକାନ୍ତ ପାଢ଼ୀ, ଗଗନ ବିହାରୀ ପଣ୍ଡା, ବିଭୂତିଭୂଷଣ ତ୍ରିପାଠୀ ପ୍ରସ୍ତାବ ଦେବା ପରେ ଏହାକୁ ସର୍ବ ସମ୍ମତିକ୍ରମେ ଗ୍ରହଣ କରାଯାଇଥିଲା। ସଙ୍କୀର୍ତ୍ତନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ୪ ଦିନ ପରେ ଧାରଣାରୁ ଉଠିଲେ ଚାଷୀ

ଜଳେଶ୍ୱର,୨୮।୧୦(ଡି.ଏନ.ଏ.)

୫୭ନଂ. ରାଜ୍ୟ ରାଜପଥ ପ୍ରଶସ୍ତୀକରଣ ଯୋଗୁ ଚଳିତ ଲଗାଣ ବର୍ଷାରେ ପାଣି ନିଷ୍କାସନରେ ବାଧକ ସାଜିବାରୁ ମାସ ମାସ ଧରି ହଜାର ହଜାର ଏକର ଚାଷଜମି ପାଣିରେ ବୁଡ଼ି ରହି ଫସଲ ନଷ୍ଟ ହୋଇଥିଲା। ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ନାମ୍ପୋ ଗ୍ରାମର ଚାଷୀମାନେ ଏନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ନାମ୍ପୋ ଫାଣ୍ଡିଠାରୁ ନାମ୍ପୋ ବଜାର ପର୍ଯ୍ୟନ୍ତ ନୟନଯୋରୀ ଖୋଳିବା ଦାବିରେ ଗତ ସୋମବାରଠାରୁ ବହୁ ଚାଷୀ ଜଳେଶ୍ୱରସ୍ଥିତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ୪ଦିନ ପରେ ଗୁରୁବାର ପ୍ରଶାସନ ଉକ୍ତ ସ୍ଥାନକୁ ଯାଇ ଦାବିମୁତାବକ ନାଳଖୋଳା ଆରମ୍ଭ କରିବାପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ଜଳେଶ୍ୱର ତହସିଲଦାର ସ୍ମୃତିରଞ୍ଜନ ମଲ୍ଲିକ, ଥାନା ଆଇଆଇସି ପ୍ରଜ୍ଞା ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଅଶୋକ ପଣ୍ଡା, ସହକାରୀ ଯନ୍ତ୍ରୀ ଇଂ. ନିହାରକାନ୍ତି ବେହେରା ଓ ୧ ପ୍ଲାଟୁନ ପୋଲିସ୍ ଫୋର୍ସ ନାମ୍ପୋକୁ ଯାଇ ଏକ ଜେସିବି ଦ୍ୱାରା ନୟନଯୋରୀ ଖନନ ଆରମ୍ଭ କରାଇବା ପରେ ଚାଷୀମାନେ ଧାରଣାରୁ ଉଠିଥିଲେ।

## ଆବାସ ଯୋଜନା ଦିଗହରା

ଲଙ୍ଗଳେଶ୍ୱର,୨୮।୧୦(ଡି.ଏନ.ଏ.)

ଗରିବ ତଥା ଅସହାୟମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବାପାଇଁ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ କୁଣ୍ଡୁଳି ଗ୍ରାମର ଅସହାୟ ସଇତି ମଲ୍ଲିକଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ସଇତିଙ୍କ ଆଖିକୁ ସାମାନ୍ୟ ଦେଖାଯାଉଛି। ୨୫ ବର୍ଷ ପୂର୍ବେ ସ୍ୱାମୀ ଭୀମ ମଲ୍ଲିକଙ୍କ ମୃତ୍ୟୁ ପରେ ସେ ତାଙ୍କ ଝିଅକୁ ଲାଳନପାଳନ କରି ବହୁ କଷ୍ଟରେ ବାହା ଦେଇଛନ୍ତି। ଚାଷ ପାଇଁ ତାଙ୍କର ଗୁଣ୍ଠେ ଜମି ନାହିଁ। ମାଗି ଯାଚି ଚଳନ୍ତି। କେବଳ ୫୦୦ଟଙ୍କା ଭତ୍ତା ଏବଂ ୫ କିଲୋ ଚାଉଳ ସରକାରଙ୍କଠାରୁ ପାଆନ୍ତି। ତାଙ୍କୁ ଏବେ ୬୫ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି। ୪୦ବର୍ଷ ପୂର୍ବେ ତିଆରି ହେଇଥିବା ତାଙ୍କ ଟିଣ ଛପର କୁଡ଼ିଆ ଏବେ ଭାଙ୍ଗି ରୁଜି ଗଲାଣି। ଟିଣ ସବୁ କଳଙ୍କି ଲାଗି ନଷ୍ଟ ହୋଇ ପାଣି ଗଳୁଛି। ଆବାସ ଯୋଜନାରେ ଘରଟିଏ ପାଇଁ ସେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ ଅଫିସ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ହେଲେ କେହି ତାଙ୍କ ଦୁଃଖ ଶୁଣୁ ନାହାନ୍ତି। ବହୁ ଥିଲାବାଲାଙ୍କୁ ଘର ମିଳିଥିବା

**ଭଙ୍ଗାଘରେ ଅସହାୟ ବୃଦ୍ଧା**



ଅସହାୟ ବୃଦ୍ଧା ସଇତି ମଲ୍ଲିକ।

ନଜିର ଥିଲେ ମଧ ସଇତିଙ୍କ ଗୁହାରି ଶୁଣି କେହି ସହଯୋଗ କରିନାହାନ୍ତି। ଗତ ବାତ୍ୟାରେ ତାଙ୍କ ଘରର କେତୋଟି ଟିଣ ଉଡ଼ିଯାଇଥିଲେ ହେଁ ସ୍ଥାନୀୟ ଆର୍ଆଇ ଅଦ୍ୟାବଧି ପଲିଥିନଟିଏ ବି ଦେଇ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ସଇତି। ତୁରନ୍ତ ତାଙ୍କୁ ଘର ଯୋଗାଇ ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ମହିଳା ସ୍ୱାସ୍ଥ୍ୟ ସଚେତନତା ଶିବିର

ବାଲେଶ୍ୱର ଅଫିସ,୨୮।୧୦

ବାଲେଶ୍ୱର ସହର ସ୍ଥିତ ସେଟେଲମେଣ୍ଟ ଅଫିସ ପାଖ ଚୂଡ଼ାକୁଟା ସାହିରେ 'ଯୁଗଶ୍ରୀ ଯୁଗନାରୀ' ପକ୍ଷରୁ ଗୁରୁବାର ମହିଳା ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସମ୍ପାଦିକା ମମତା ମହାପାତ୍ର ସଭାପତିତ୍ୱ କରି ମହିଳାମାନେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ଆବଶ୍ୟକ ବୋଲି ମତ ରଖିଥିଲେ। ମୁଖ୍ୟଅତିଥି ଭାବେ ଡା. ମୀରା ପତି ଯୋଗଦେଇ ମହିଳାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଓ ନିରାକରଣ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସମାଜସେବୀ ଚିତ୍ତରଞ୍ଜନ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଶତାଧିକ ମହିଳା ଯୋଗ ଦେଇ ବିଭିନ୍ନ ପ୍ରଶ୍ନ ମାଧ୍ୟମରେ ସ୍ୱାସ୍ଥ୍ୟଗତ ସମସ୍ୟା ଗୁଡ଼ିକର ନିରାକରଣ ପଚାରି ବୁଝିଥିଲେ। ଶିବିରକୁ ସମାଜସେବୀ ଜୟନ୍ତୀ ରାୟ, ସୁଶ୍ରୀ ଗୀତାଞ୍ଜଳି ସିଂହ, ଶିବାନୀ ମହନ୍ତ ଓ ବସନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ମୃତ ବ୍ୟକ୍ତିଙ୍କୁ ଭତ୍ତା, ତଦନ୍ତ ଦାବି

ଖଇରା,୨୮।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକର ବିଭିନ୍ନ ପଞ୍ଚାୟତରେ ମୃତ୍ୟୁ ବରଣ କରିସାରିଥିବା ବହୁ ବୃଦ୍ଧା ବୃଦ୍ଧଙ୍କ ଆକାଉଣ୍ଟକୁ ଭତ୍ତା ଟଙ୍କା ପଠାଯାଇଥିବା ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ କଂଗ୍ରେସ ଓ ଭାଜପା ପକ୍ଷରୁ ଦାବି ହୋଇଛି। ନିକଟରେ ଇନ୍ଦିରଗାନ୍ଧୀ ଭତ୍ତା ଯୋଜନାରେ ଭତ୍ତା ନେଉଥିବା ବ୍ୟକ୍ତିଙ୍କ ଆକାଉଣ୍ଟରେ ସିଧାସଳଖ ଅର୍ଥ ଜମା କରାଯିବା ବ୍ୟବସ୍ଥା ପରେ ଚଳିତ ମାସରେ ପ୍ରଥମ କରି ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିଲା। ତେବେ କିଛି ମୃତ ବ୍ୟକ୍ତିଙ୍କ ନାମରେ ଅର୍ଥ ଜମାହେବା ଏହି ଯୋଜନାର ସଫଳତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ମାଣିତ୍ରୀ ପଞ୍ଚାୟତର ବହୁ ଦିନ ପୂର୍ବରୁ ମୃତ୍ୟୁ ବରଣ କରିଥିବା ୪ ଜଣଙ୍କ ଆକାଉଣ୍ଟକୁ ଭତ୍ତା ଟଙ୍କା ଆସିଥିବା ନେଇ ପ୍ରଘଟ ହେବା ପରେ ଏକ ବଡ଼ଧରଣର ଘୋଟାଲାକୁ ପ୍ରମାଣିତ କରୁଛି। ତେବେ ପୂର୍ବରୁ ସେମାନଙ୍କ ଟଙ୍କା କିଏ ନେଉଥିଲା ଓ କାହା ପାଖକୁ ଯାଉଥିଲା ତାହା ସନ୍ଦେହ ସୃଷ୍ଟି କରିଛି। ବୁଧବାର ଅନୁଷ୍ଠିତ କଂଗ୍ରେସ ସଭାରେ ଏହି ପ୍ରସଙ୍ଗ ନେଇ ଆଲୋଚନା ହୋଇଥିବା ବେଳେ ଏହାର ତଦନ୍ତ ପାଇଁ ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ ଦାବି କରିଛନ୍ତି। ଘଟଣାର ଭିଜିଲାନ୍ସ ତଦନ୍ତ ପାଇଁ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ ଦାବି କରିଛନ୍ତି। କେବଳ ମାଣିତ୍ରୀ ନୁହେଁ ୩୭ଟି ପଞ୍ଚାୟତରେ ଏଭଳି ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହାର ତଦନ୍ତ କରାଯାଇ ପ୍ରକୃତ ସତ୍ୟ ଲୋକଲୋଚନକୁ ଅଣାଯିବାକୁ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା କହିଛନ୍ତି। ଏଥିରେ ପ୍ରଶାସନ ତଥା ଶାସକ ଦଳର ବହୁ ନେତାଙ୍କ ସମ୍ପୃକ୍ତି ଥିବା ନେଇ ସେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତର ଖଇରା ବିଡିଓ ପର୍ଶୁରାମ ପଣ୍ଡାଙ୍କୁ ପଚାରିବାରୁ ସେ ବିଭାଗୀୟ କର୍ମଚାରୀଙ୍କଠାରୁ ବୁଝି ପଦକ୍ଷେପ ନେବେ ବୋଲି କହିଛନ୍ତି।

# ପରକୀୟା ପ୍ରୀତି ପାଇଁ କକାଙ୍କୁ ହତ୍ୟା

ବାଙ୍ଗିରିପୋଷି,୨୮।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ଶିମିଳାରେ ବୁଧବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ପରକୀୟା ପ୍ରୀତି ପାଇଁ ଘରେ ହୋଇଥିବା ବଚସାକୁ କେନ୍ଦ୍ରକରି ନିଜ କକାଙ୍କୁ ହାଣି ହତ୍ୟା କରିଛନ୍ତି ପୁତୁରା। ଏହି ଘଟଣାରେ ପୋଲିସ ଗୁରୁବାର ଏକ ହତ୍ୟା ମାମଲା (ନଂ.୨୫୨/୨୧) ରୁଜୁ କରି ପୁତୁରା ଡୋରା ମୁଣ୍ଡା ଓ ସୁବାସିନୀ ଦେହୁରୀ ନାମ୍ନୀ ଜଣେ ମହିଳାଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଶିମିଳା ଅଞ୍ଚଳରେ ମାଠ ମୁଣ୍ଡା(୫୫) ଓ ସ୍ତ୍ରୀ କଟି ମୁଣ୍ଡା ଦିନମଜୁରିଆ ଭାବେ କାମ କରି ଚଳୁଥିଲେ। ସେମାନଙ୍କ ପାଖରେ ବିବାହିତ ପୁତୁରା ଡୋରାଙ୍କ ସହ ତାଙ୍କ ପରିବାର ରହୁଥିଲେ। ହେଲେ ଡୋରାଙ୍କର ଝାରପୋଖରିଆ ଥାନା ଅଞ୍ଚଳର ସୁବାସିନୀଙ୍କ ସହ ପରକୀୟା ପ୍ରୀତି ଥିଲା। ଏହାକୁ ନେଇ ପୂର୍ବରୁ ବହୁବାର ଘରେ କକା ପୁତୁରାଙ୍କ ମଧରେ ଝଗଡ଼ା ହୋଇଥିଲା। ବୁଧବାର ଏହି ଝଗଡ଼ା ଉଗ୍ରରୂପ ନେବାରୁ ନିଶାସକ୍ତ ଅବସ୍ଥାରେ ଥିବା ଡୋରା କକା ମାଠଙ୍କୁ ବାଉଁଶରେ ବାରମ୍ବାର ଆକ୍ରମଣ କରିଥିଲେ। ମାଠ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ ମଧ ଘରଠାରୁ ଅଳ୍ପ ଦୂରରେ ତାଙ୍କର ଜୀବନ ଚାଲିଯାଇଥିଲା। ଅନ୍ୟପକ୍ଷେ କଟି ସ୍ୱାମୀଙ୍କୁ ବଞ୍ଚାଇବାକୁ ଯାଇ ଆକ୍ରମଣର ଶିକାର ହୋଇ ଗୁରୁତର ଅଛନ୍ତି। ଖବର ପାଇ ବାରିପଦା ସଦର ଏସ୍‌ଡିପିଓ କେ.କେ. ହରିପ୍ରସାଦଙ୍କ ନିର୍ଦ୍ଦେଶ କ୍ରମେ ବାଙ୍ଗିରିପୋଷି ଥାନାଧିକାରୀ ସଞ୍ଜୟ କୁମାର ପରିଡ଼ା ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ଶୁକ୍ରବାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

# ହଟହଟା ହେଲେ ଅଧିକାରୀ

ବାଲିଆପାଳ,୨୮।୧୦(ସ୍ୱ.ପ୍ର)

ବାଲେଶ୍ୱର ଜିଲା ଦକ୍ଷିଣ ବାଲିଆପାଳ ସମୁଦ୍ର ଉପକୂଳ ଅଞ୍ଚଳରେ ପ୍ରସ୍ତାବିତ ବନ୍ଦର ଓ ପେଟ୍ରୋ କେମିକାଲ୍ସ ପ୍ଲାଣ୍ଟକୁ ବିରୋଧ କରି ପୁଣି ତେଜିଛନ୍ତି ଅଞ୍ଚଳବାସୀ। ସ୍ଥାନୀୟ ଲୋକଙ୍କ ପ୍ରବଳ ବିରୋଧ ଯୋଗୁ ଭିତ୍ତିଭୂମି ପରିଦର୍ଶନ ପାଇଁ ଆସିଥିବା ପୋର୍ଟ ଡାଇରେକ୍ଟର ଓ କର୍ମକର୍ତ୍ତା ହଟହଟା ହୋଇ ଫେରିଛନ୍ତି। ଲୋକେ ସେମାନଙ୍କୁ ଦୀର୍ଘସମୟ ଧରି ଅଟକ ରଖିବା ପରେ ଛାଡ଼ିଥିବା ସୂଚନା ମିଳିଛି।

ଗୁରୁବାର ପୂର୍ବାହ୍ନରେ ଟାଟା କମ୍ପାନୀର ସୁବର୍ଣ୍ଣରେଖା ବନ୍ଦରର ଡାଇରେକ୍ଟର ଅଞ୍ଜନିକାନ୍ତଙ୍କ ସହିତ କୈଳାସ ଚନ୍ଦ୍ର ପରିଡ଼ା, ବିବେକ ଶୁକ୍ଳା, ପ୍ରମୋଦ କୁମାର ଏବଂ ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ, ଥାନା ଆଇଆଇସି ପର୍ଶୁରାମ ସାହୁ, ଜାମକୁଣ୍ଡା ଫାଣ୍ଡି ଅଧିକାରୀ ସାରଦା ପ୍ରଶନ୍ନ ମୁଦୁଲି,



ପ୍ରସ୍ତାବିତ ବନ୍ଦରକୁ ବିରୋଧ କରି ଏକାଠି ହୋଇଥିବା ଅଞ୍ଚଳବାସୀ।

ବସ୍ତା ଏସ୍‌ଡିପିଓ ଜଳନ୍ଧର ଜାଲି ଏବଂ ୨ ପ୍ଲାଟୁନ ଫୋର୍ସ ସହାୟତାରେ ପୋର୍ଟ ଆଣ୍ଡ ଇନ୍‌ଲାଣ୍ଡ ୱାଟର ଟ୍ରାନ୍ସଫରର ଡାଇରେକ୍ଟର ପଦ୍ମଲୋଚନ ରାଉଳଙ୍କୁ ଚଉମୁଖ ଅଞ୍ଚଳକୁ ବନ୍ଦରର ଭିତ୍ତିଭୂମି ପରିଦର୍ଶନ ପାଇଁ ନିଆ ଯାଉଥିଲା। ଏହି ସମୟରେ ଦକ୍ଷିଣ ବାଲିଆପାଳ ଅଞ୍ଚଳର ଡଗରା, ଚଉମୁଖ ଓ ନାରାୟଣପୁର ଆଦି ଗ୍ରାମର ବହୁ ମହିଳା ପୁରୁଷ ଡଗରା ବଡ଼ ଗୁମଟି ଛକ ନିକଟରେ ସମସ୍ତଙ୍କୁ ଘେରାଉ କରିଥିଲେ। ସ୍ଥାନୀୟ ନେତୃବୃନ୍ଦ ତୀର୍ଥ କୁମାର ନାଗ, ନାରାୟଣ ଖଟୁଆ, କୃଷ୍ଣଚନ୍ଦ୍ର ଦାସ ଓ ଅର୍ଜୁନ ଚରଣ ଦାସଙ୍କ ନେତୃତ୍ୱରେ ୨ଶହରୁ ଅଧିକ ଲୋକ ଏକତ୍ରିତ ହୋଇ ପରିଦର୍ଶନରେ ଆସିଥିବା ଅଧିକାରୀମାନଙ୍କୁ ଅଟକ

**ପ୍ରସ୍ତାବିତ ବନ୍ଦର, ପେଟ୍ରୋ କେମିକାଲ୍ସ ପ୍ଲାଣ୍ଟକୁ ବିରୋଧ**

ରଖିଥିଲେ। ଦକ୍ଷିଣ ବାଲିଆପାଳ ସମୁଦ୍ର ଉପକୂଳ ଅଞ୍ଚଳରେ ପ୍ରସ୍ତାବିତ ବନ୍ଦର ଓ ପେଟ୍ରୋ କେମିକାଲ୍ସ ପ୍ଲାଣ୍ଟକୁ ବିରୋଧ କରି ଲୋକେ ବିଭିନ୍ନ ନାରାବାଜି କରିଥିଲେ। ଲୋକଙ୍କ ଜୋରଦାର ବିରୋଧ ଯୋଗୁ ଅଧିକାରୀମାନେ ଅଞ୍ଚଳ ଭିତରକୁ ପଶି ପାରି ନ ଥିଲେ। ବାଲିଆପାଳ ତହସିଲଦାର ଦାସ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିବା ପରେ ଅଧିକାରୀମାନେ ସେଠାରୁ ଫେରିଥିଲେ। ପରେ ଗ୍ରାମବାସୀମାନେ ବୈଠକ କରି ଆଗାମୀ ଦିନରେ ଅଞ୍ଚଳକୁ ବନ୍ଦର କିମ୍ବା ପେଟ୍ରୋ କେମିକାଲ୍ସ ପ୍ଲାଣ୍ଟ ପାଇଁ ଯିଏ ଆସିବେ ସେମାନଙ୍କୁ ଜୋରଦାର ବିରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

